Publication : Sanchar
Edition : Bhubaneswar
Date : February 18, 2017

# ମୁନ୍-ବୋ ପକ୍ଷରୁ ଟିଭି କମର୍ସିଆଲ୍‌ର ଶୁଭାରମ୍ଭ

ସଂଚାର ମିଡିଆ



ଭୁବନେଶ୍ୱର,୧୭।୨: ସାନିଟାରୀ ଉତ୍ପାଦ କ୍ଷେତ୍ରରେ ଦୀର୍ଘ କାରବାର ଜାରି ରଖିଥିବା କମ୍ପାନୀ ଏଚ୍‌ଏସ୍‌ଆଇଏଲ୍ ପକ୍ଷର ଏହାର ବ୍ୟବସାୟିକ ନେଟ୍‌ୱାର୍କ ସମ୍ପ୍ରସାରଣ ନିମନ୍ତେ ମୁନ୍-ବୋ ୱାଟର ପ୍ୟୁରୀଫାୟର୍ ପାଇଁ ନୂତନ ଟିଭି ବିଜ୍ଞାପନ ଆରମ୍ଭ କରାଯାଇଛି। ଏହି ବିଜ୍ଞାପନର ନାମ ରହିଛି 'ଅବ ଇଣ୍ଡିଆ ପିଏଗା ଅଚ୍ଛା'। ଏହି ବିଜ୍ଞାପନରେ ଭାରତୀୟ ନିରୀହ ଶିଶୁଙ୍କ ସାମାଜିକ-ଆର୍ଥିକ ପୃଷ୍ଠଭୂମି ଉପରେ ପ୍ରଦର୍ଶନ କରାଯାଇଛି। ଏହି ଅବସରରେ ଏଚ୍‌ଏସ୍‌ଆଇଏଲ୍‌ର କ୍ୟୁମର ପ୍ରଡ଼କ୍ଟ ଡିଭିଜନ୍ ସଭାପତି ଶ୍ରୀ ରାକେଶ କାଉଲ୍ କହିଲେ,ସମ୍ପ୍ରତି ଭାରତ ସମ୍ମୁଖରେ ସ୍ୱଚ୍ଛ ପିଇବା ପାଣି ଏକ ମୁଖ୍ୟ ସମସ୍ୟା ଭାବରେ ଛିଡା ହୋଇଥିବାବେଳେ ଏହି ନୂତନ ଟିଭି ବିଜ୍ଞାପନ ଦେଶର ସାଧାରଣ ଜନତାଙ୍କ ଉପରେ ସକରାତ୍ମକ ପ୍ରଭାବ ଅନୁଭୂତ କରାଇବାକୁ ସକ୍ଷମ ହେବ। ଏହି ଅବସରରେ ବିଜ୍ଞାପନର ନିର୍ଦ୍ଦେଶକ ଅମନ ସଚଦେବା କହିଛନ୍ତି ଯେ, ଆମ୍ଭେ ସମ୍ପ୍ରତି ଓପୋ ଫୋନ୍ ଟିଭି ବିଜ୍ଞାପନରେ ରତିକ୍ ରୋଶନ୍, ଆକାଶ ଡିଜିଟାଲ୍ ନେଷ୍ଟଲେ ଏବଂ ଶକ୍ତି ମନ୍ତ୍ରଣାଳୟ ସହିତ କାର୍ଯ୍ୟ କରୁଛୁ। ମୁନ୍-ବୋ ସହିତ କାର୍ଯ୍ୟକରି ଆମ୍ଭେ ବେଶ୍ ଆନନ୍ଦିତ।